ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :1**

**CLASS :3**

**SUBJECT : ODIA**

**CHAPTER NUMBER: 09**

**CHAPTER NAME : ରମ୍ଭା ନୂଆ ଜାଗା ଦେଖିଲା**

**SUBTOPIC :ଅଭ୍ୟାସ-୧୧,୧୩ ଓ ବ୍ୟାକରଣ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP


ODM
ODM


ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ


ରାଜଧାନୀ ଚିକିତ୍ସାଳୟ
CAPITAL HOSPITAL

# ରମ୍ଭା ନୂଆ ଜାଗା ଦେଖିଲା

ODM EDUCATIONAL GROUP



# ରମ୍ଭା ନୂଆ ଜାଗା ଦେଖିଲା




ଝିଅଟିର ନାଁ ରମ୍ଭା । ଆମ୍ରପାଳୀ ଗାଁରେ ମାଉସୀ ବେମାର ଥିଲେ । ରମ୍ଭା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରମ୍ଭା : ମା', ଏଇଟି କେଉଁ ବିଦ୍ୟାଳୟ ?

ମା' : ଏହାର ନାମ ଆମ୍ରପାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରମ୍ଭା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରମ୍ଭା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରମ୍ଭା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାନ୍ଧୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ ।

ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ । ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି । ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?



ମା' : ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା', ଏଠାରେ କ'ଣ ହେଉଛି ?

ମା' : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?

ମା': ଗୋଟିଏ ବଡ଼ ଗାଁ ବା କେତୋଟି ଛୋଟଛୋଟ ଗାଁକୁ ନେଇ ଗ୍ରାମପଞ୍ଚାୟତ ଗଢ଼ା ହୋଇଥାଏ ।




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା' ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା’, ଏହି ଫଳଗୁଡ଼ିକୁ
କେଉଁଠି ରଖିବି ?

ମା’ : ସେହି ଫଳଗୁଡ଼ିକୁ ଷ୍ଟୁଲ
ଉପରେ ସଜାଡ଼ି ରଖି
ଦେ ।



ODM EDUCATIONAL GROUP














ODM EDUCATIONAL GROUP





ODM
EDUCATIONAL GROUP

# ଅଭ୍ୟାସ -୧ ୧ ଚିତ୍ର ଦେଖି ନାମ ଲେଖ



ଡାଙ୍କଣ



କଦମ୍ବ



କୁମ୍ଭୀର



ସିମ୍ପାଞ୍ଜି

ODM EDUCATIONAL GROUP






କମ୍ପାସ

ଚମ୍ପା





ବାମ୍ପୀ

କମ୍ବଳ

# ଅଭ୍ୟାସ -୧୩ ସମ୍ପର୍କ ଥିବା ସ୍ଥାନ ସହିତ ଯୋଡ

ଏଠାରେ ରୋଗୀମାନଙ୍କୁ ପରୀକ୍ଷାକରି ଔଷଧ ଦିଆଯାଏ ।ଡାକ୍ତର ,ନର୍ସ ,କମ୍ପାଉଣ୍ଡର ଏଠାରେ କାମକରନ୍ତି




ପିଲାମାନେ ଏଠାରେ ପାଠ ପଢନ୍ତି ।ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ ପଢାନ୍ତି ।ପିଲାମାନେ ପାଠ ପଢି ବଡମଣିଷ ହୁଅନ୍ତି ।



ଏହା ଗାଁ ଗୁଡିକର ଭଲମନ୍ଦ ବୁଝେ ।ରାସ୍ତାଘାଟ ମରାମତି ,ପରିବେଶ ସଫା ସୁତରା ରଖିବା ପୋଖରୀ ଖୋଳିବା ଇତ୍ୟାଦି କାର୍ଯ୍ୟକରେ ।




ODM EDUCATIONAL GROUP

# ବପରୀତ ଶବ୍ଦ ଲେଖ

ସମ୍ଭବ---

ଶେଷ---

ସୁନ୍ଦର---

ସୁଗନ୍ଧ---

ଆନନ୍ଦ---

ଅନ୍ଧାର---

ବନ୍ଧନ---

ଫମ୍ପା---



ODM EDUCATIONAL GROUP
Changing your Tomorrow

# ବପରୀତ ଶବ୍ଦ ଲେଖ।

ସମ୍ଭବ--- ଅସମ୍ଭବ

ଶେଷ--- ଆରମ୍ଭ

ସୁନ୍ଦର---ଅସୁନ୍ଦର

ସୁଗନ୍ଧ---ଦୁର୍ଗନ୍ଧ

ଆନନ୍ଦ---ନିରାନନ୍ଦ

ଅନ୍ଧାର--- ଆଲୁଅ

ବନ୍ଧନ--- ମୋଚନ

ଫମ୍ପା---  ନିଦା



ODM EDUCATIONAL GROUP

# ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।

୧ –ଗ୍ରାମ ପଞ୍ଚାୟତ ଅଫିସ କେଉଁ କାମ କରେ ?

୨ –ଗ୍ରାମ ପଞ୍ଚାୟତର ମୁଖ୍ୟ କିଏ ଅଟନ୍ତି ?

୩ – କିଏ ଗାଁ ର ଭଲମନ୍ଦ ବୁଝେ ?

୪ –ଗ୍ରାମ ପଞ୍ଚାୟତ କେମିତି ଗଠିତ ହୁଏ ?

୫–ଦେହ ଖରାପ ହେଲେ ଆମେ ଚିକିତ୍ସାପାଇଁ କେଉଁଠିକୁ ଯାଉ ?

୬ –ଡାକ୍ତରଖାନା ରେ କେଉଁମାନେ କାମ କରନ୍ତି ?

୭ –ରମ୍ଭା ଫଳ ଗୁଡ଼ିକୁ କେଉଁଠାରେ ରଖିଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ଅଭ୍ୟାସ – ୧୦କୁ ବହିରେ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP